ଧରିତ୍ରୀ
DHARITRI
ଗୁରୁବାର, ୧୮ ନଭେମ୍ବର, ୨୦୨୧



## ଗୁଣପୁରରେ ସ୍ୱାଭାବିକ ହେଲା କୋର୍ଟ କାର୍ଯ୍ୟ

**ଗୁଣପୁର,(ଡି.ଏନ୍.ଏ.):** ରାୟଗଡ଼ା ଜିଲା ଗୁଣପୁରଠାରେ ବୁଧବାରଠାରୁ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହୋଇଛି। କରୋନା ପ୍ରଭାବ ଯୋଗୁ ଦୀର୍ଘ ଦେଢ଼ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଓକିଲ ସଂଘ ପକ୍ଷରୁ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇଥିଲା। ମଙ୍ଗଳବାର ସଂଘର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ କାର୍ଯ୍ୟ ସ୍ୱାଭାବିକ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କରୋନା ସ୍ଥିତିରେ ସୁଧାର ଆସିଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସୂଚନା ଦିଆଯାଇଛି। ମଙ୍ଗଳବାର ହୋଇଥିବା ବୈଠକରେ ଓକିଲ ସଂଘର ସମ୍ପାଦକ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସଙ୍କ ସମେତ ଉମାଚରଣ ପଟ୍ଟନାୟକ, ଦୁର୍ଗାପ୍ରସାଦ ମଣିପାତ୍ର, ଅକ୍ଷୟ ଶତପଥୀ, କୃଷ୍ଣ ସେନାପତି, ଏ. ପ୍ରତାପ ରାଓ, ରମେଶ ଚନ୍ଦ୍ର ଲିମା, ଅଶୋକ ଧୂଳି ପ୍ରମୁଖ ଉପସ୍ଥିତ ଥିଲେ।

# ସପ୍ତାହକ ମଧ୍ୟରେ ୮ କୋଟି ମଞ୍ଜୁର ହେବ: ୫-ଟି ସଚିବ

**ନବରଙ୍ଗପୁର/ଉମରକୋଟ, ୧୭।୧୧(ବି.ପ୍ର./ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦର ଭିତ୍ତିଭୂମିର ବିକାଶ ନିମନ୍ତେ ରାଜ୍ୟ ସରକାର ସପ୍ତାହକ ମଧ୍ୟରେ ୮ କୋଟି ଟଙ୍କା ମଞ୍ଜୁର ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ନବରଙ୍ଗପୁର ଏମ୍ପି ରମେଶ ଚନ୍ଦ୍ର ମାଝି ସୂଚନା ଦେଇଛନ୍ତି। ୫-ଟି ଅଧୀନ ମୁକ୍ତା ଯୋଜନାରେ ସହରର ରୂପାନ୍ତରଣ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ କକ୍ଷରେ ସଚିବ ଭି.କେ. ପାଣ୍ଡିଆନଙ୍କ ସହ ଭିଡିଓ କନ୍ଫରେନ୍ସରେ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏମ୍ପି ରମେଶ ଚନ୍ଦ୍ର ମାଝି, ଜିଲାପାଳ କମଳଲୋଚନ ମିଶ୍ର, ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ ଓ ଉମରକୋଟର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଏମ୍ପିଙ୍କ ନେତୃତ୍ୱରେ ଉମରକୋଟ ସହରର ବିଜେଡିର କିଛି ପୂର୍ବତନ କାଉନସିଲର ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଏମ୍ପି ୫-ଟି ସଚିବଙ୍କ ସହ ଦାବି ସମ୍ପର୍କରେ ଆଲୋଚନା କରିଥିଲେ।

ପୌରାଞ୍ଚଳର ପ୍ରତ୍ୟେକ ୱାର୍ଡର ଜନସାଧାରଣଙ୍କ ସହ ଆପୋସ ଆଲୋଚନା ତଥା ସହମତି ଭିତ୍ତିରେ ଭିତ୍ତିଭୂମି ବିକାଶ ନିମନ୍ତେ ସବୁ ୱାର୍ଡ ପାଇଁ ଆବଶ୍ୟକ ପ୍ରକଳ୍ପ ତାଲିକା ସହିତ ତାହାର ଆନୁମାନିକ ଅଟକଳ ପ୍ରଦାନ କରାଯାଇଛି। ୬୮ଟି ପ୍ରକଳ୍ପ ପାଇଁ ୭କୋଟି ୭୨ଲକ୍ଷ ଟଙ୍କା ଅଟକଳ କରାଯାଇଛି। ଉମରକୋଟ ପୌରାଞ୍ଚଳର ଭିତ୍ତିଭୂମିର ବିକାଶ ନିମନ୍ତେ ୬ଟି କ୍ଷୁଦ୍ର ଉଦ୍ୟାନ ପାଇଁ ୧ କୋଟି ୫୪ ଲକ୍ଷ, ୨ଟି ପବ୍ଲିକ ଜିମ୍ ପାଇଁ ୨୩ ଲକ୍ଷ, ୬ଟି ଶିଶୁ କ୍ରୀଡ଼ା ଉଦ୍ୟାନ ପାଇଁ ୩୧ ଲକ୍ଷ, ୮ଟି ଚାଲିବା ରାସ୍ତା ପାଇ ୬୪ ଲକ୍ଷ, ୨ଟି ଖେଳ ପଡ଼ିଆ ପାଇଁ ୧୮ ଲକ୍ଷ, ୫ଟି ଶୌଚାଳୟ ପାଇଁ ୧୪ ଲକ୍ଷ, ୧ଟି ରାସ୍ତାକଡ଼ ବିକ୍ରୟ ସ୍ଥଳୀ ପାଇଁ ୮ ଲକ୍ଷ, ୨୦ଟି ରାସ୍ତା ଓ ଡ୍ରେନ ପାଇଁ ୨ କୋଟି ୮୬ ଲକ୍ଷ ଟଙ୍କା, ୧୮ଟି ରାସ୍ତା ପାଇଁ ୧ କୋଟି ୭୬ ଲକ୍ଷ ଟଙ୍କା, ଏହିପରି ୬୮ଟି ପ୍ରକଳ୍ପ ପାଇଁ ୮ କୋଟି ଟଙ୍କା ପ୍ରଦାନ ପାଇଁ ଅନୁରୋଧ କରାଯାଇଥିଲା। ସପ୍ତାହକ ମଧ୍ୟରେ ଉମରକୋଟ ପୌରପାଳିକାକୁ ୮ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ୫-ଟି ସଚିବ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ଉମରକୋଟର ପୂର୍ବତନ କାଉନସିଲର ତପନ କୁମାର ଦେବନାଥ, ଆଶୁତୋଷ ହାଲ୍‌ଦାର, ଗଜେନ୍ଦ୍ର ନାୟକ, ଚିତ୍ତରଞ୍ଜନ ପାତ୍ର, ଭାସ୍କର ଖମାରୀ ଓ ସୁବାସ ସରକାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ଉମରକୋଟ ବ୍ଲକ କାର୍ଯ୍ୟାଳୟରୁ ଭିଡିଓ କନଫରେନ୍ସରେ ପୂର୍ବତନ ନଗରପାଳ ଝାଡ଼େଶ୍ୱର ମହାନ୍ତି ଓ କାଳୁ ପଣ୍ଡାଙ୍କ ସମେତ ବହୁ ବିଜେଡି ନେତ୍ରୀ ଓ କର୍ମୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ସଂକ୍ଷେପରେ

### ଶଟ୍‌ସର୍କିଟରୁ ଜଳିଗଲା ୧ ବଖରା ଘର

**ରାୟଗଡ଼ା ଅଫିସ,୧୭।୧୧:** ରାୟଗଡ଼ା ଡିଏଫ୍ଓ କଲୋନୀ ୯ମ ଗଳିସ୍ଥିତ ରାମ ଚନ୍ଦ୍ର ପାଢ଼ୀଙ୍କ ଘରେ ବିଦ୍ୟୁତ୍ ଶଟ୍‌ସର୍କିଟ୍ ଯୋଗୁ ୧ ବଖରା ଘର ଜଳିଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଉକ୍ତ ବଖରାରେ ଥିବା ସମସ୍ତ ଆସବାବପତ୍ର ନଷ୍ଟ ହୋଇଛି। ପ୍ରାୟ ୧୦ ହଜାର ଟଙ୍କାର କ୍ଷୟକ୍ଷତି ଆକଳନ କରାଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୌଭାଗ୍ୟ ବସତଃ ଘରର କୌଣସି ସଦସ୍ୟଙ୍କ କ୍ଷତି ଘଟି ନ ଥିବା ଅଗ୍ନି ନିରାପତ୍ତା ଅଧିକାରୀ ସଂଗ୍ରାମ ହାଁସଦା ସୂଚନା ଦେଇଛନ୍ତି।

### ଶ୍ରୀମାଙ୍କ ମହାପ୍ରୟାଣ ଦିବସ ପାଳିତ

**ଗୁଣପୁର, ୧୭।୧୧ (ଡି.ଏନ୍.ଏ.):** ଗୁଣପୁରସ୍ଥିତ ଅରୋଶ୍ରୀ ବିହାରଠାରେ ବୁଧବାର ଶ୍ରୀମାଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ସ୍ଥାନରେ ସମବେତ ଧ୍ୟାନ ସହ ପାଠଚକ୍ର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସୁଦର୍ଶନ ପୃଷ୍ଟି, ସୂର୍ଯ୍ୟ ନାରାୟଣ ରଥ, ସୋମନାଥ ଗୌଡ଼, କୃଷ୍ଣ ଚନ୍ଦ୍ର ଭୁକ୍ତା, ଯୋଗେନ୍ଦ୍ର ନାରାୟଣ ଦେଓଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଅପରାହ୍ନରେ ଅନୁଷ୍ଠିତ ସ୍ୱତନ୍ତ୍ର ପାଠଚକ୍ରରେ ଶିକ୍ଷୟିତ୍ରୀ ବୃନ୍ଦାବତି ପଣ୍ଡା ଯୋଗଦେଇ ଶ୍ରୀମାଙ୍କ ଯୋଗସାଧନା ଉପରେ ଆଲୋଚନା କରିଥିଲେ।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ମାଲକାନଗିରି,୧୭।୧୧(ଡି.ଏନ.ଏ.):** ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଏକ କୋଲନୀର ଜନୈକା ନାବାଳିକା କନ୍ୟାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବକ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ନାବାଳିକା ଜଣକ ମଙ୍ଗଳବାର ସନ୍ଧ୍ୟାରୁ କେଉଁଆଡେ ଚାଲିଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ତେବେ ସ୍ଥାନୀୟ ୧୧୯ କଲୋନୀର ପେଟା ନାଗଙ୍କ ପୁଅ ଦିନ ନାଗ ତାଙ୍କୁ ବିବାହର ପ୍ରଲୋଭନ ଦେଖାଇ କେଉଁଆଡେ ନେଇଯାଇଥିବା ପରିବାର ଲୋକେ ଜାଣିବା ପରେ ବୁଧବାର ମାଲକାନଗିରି ଥାନାରେ ଏତଲା ଦେଇଛନ୍ତି।

### ଜାତୀୟ ପ୍ରେସ୍ ଦିବସରେ ପ୍ରଶାନ୍ତ ସମ୍ମାନିତ




**ପଦ୍ମପୁର,୧୭।୧୧(ଡି.ଏନ୍.ଏ.):** ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ (ଓୟୁଡବ୍ଲୁଜେ) ପକ୍ଷରୁ ଭୁବନେଶ୍ୱରସ୍ଥିତ ହୋଟେଲ କେଶରୀଠାରେ ମଙ୍ଗଳବାର ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଦୈନିକ ସମାଜର ମୁଖ୍ୟ ପ୍ରଶାସକ ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ଶୁଭାରମ୍ଭ କରି ଗଣତନ୍ତ୍ରରେ ଗଣମାଧ୍ୟମ ଓ ଗଣମାଧ୍ୟମର ସ୍ୱାଧୀନତା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ମୁଖ୍ୟବକ୍ତା ରୂପେ ପୂର୍ବତନ ମନ୍ତ୍ରୀ ତଥା ଆଳି ବିଧାୟକ ପ୍ରତାପ ଦେବ, ସମ୍ମାନିତ ଅତିଥି ରୂପେ ପୁଣ୍ୟ ଉତ୍କଳର ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ସୁଜ୍ଞାନ ଚୌଧୁରୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗରେ କୃତିତ୍ୱ ପାଇଁ ସନ୍ଥ ଜୀବନ ବାବା, ଡେପୁଟି କମିଶନର ଅଫ୍ ପୋଲିସ ଜୟ କୁମାର ସାହୁ, ବନ୍ଦନା ପଣ୍ଡା, ବିଶିଷ୍ଟ ଡାକ୍ତର ବିଶ୍ୱନାଥ ପଟ୍ଟନାୟକ ଏବଂ ଧରିତ୍ରୀର ରାୟଗଡ଼ା ଜିଲା ପଦ୍ମପୁର ପ୍ରତିନିଧି ପ୍ରଶାନ୍ତ କୁମାର କରଙ୍କୁ ପ୍ରମାଣପତ୍ର ଓ ଉପଢୌକନ ସହ ସମ୍ମାନିତ କରାଯାଇଛି।

### ବ୍ଲକସ୍ତରୀୟ ନିଯୁକ୍ତିମେଳା

**ଚିତ୍ରକୋଣ୍ଡା,୧୭।୧୧(ଡି.ଏନ.ଏ.)-** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ପରିସରରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ବ୍ଲକର ଶିକ୍ଷିତ ବେକାରୀ ଯୁବତୀଯୁବକଙ୍କୁ ନିଜ ଦକ୍ଷତା ଅନୁଯାୟୀ ଓଡ଼ିଶା ସମେତ ବାହାର ରାଜ୍ୟରେ ଥିବା ବିଭିନ୍ନ ଦକ୍ଷତା ବିକାଶ ଅନୁଷ୍ଠାନ ମାଧ୍ୟମରେ ପ୍ରଶିକ୍ଷଣ ଦେଇ ନିଯୁକ୍ତି ଦେବାକୁ ନାମ ଚୟନ ହୋଇଥିଲା। ଏଥିରେ ୧୮ଟି ପଞ୍ଚାୟତର ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ୫୦୨ ଜଣଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ବିଡ଼ିଓ ରାହୁଲ ମଣ୍ଡଳ, ଓଡିଶା ଜୀବିକା ମିଶନର ଡିପିଏମ ପବିତ୍ର ମୋହନ ବରୁଆ, ଜିଲା ଦକ୍ଷତା ବିକାଶ ସଂଯୋଜକ ଜିତେନ୍ଦ୍ର ପାତ୍ର, ଏପିଡ଼ି ଶ୍ରୀସତୀ ରାଉତ, ପର୍ଶୁରାମ ବେହେରା ଉପସ୍ଥିତ ଥିଲେ।

# ମିଥ୍ୟା ମାମଲାରେ ଆଦିବାସୀଙ୍କୁ ଫସାଯାଉଛି



ଅବକାରୀ କାର୍ଯ୍ୟାଳୟ ଘେରାଉ କରିବାକୁ ଆସିଥିବା ଗ୍ରାମବାସୀ।

**ରାୟଗଡ଼ା ଅଫିସ,୧୭।୧୧**

**ମଦଭାଟି ବନ୍ଦ କରିବାକୁ ଦାବି**

ମିଥ୍ୟା ଅବକାରୀ ମାମଲାରେ ନିରୀହ ଆଦିବାସୀ ଲୋକଙ୍କୁ ଫସାଇ ଦିଆଯାଉଥିବା ଅଭିଯୋଗ ହୋଇଛି। ଅବକାରୀ ଏସ୍ଆଇ ସୂର୍ଯ୍ୟ ନାରାୟଣ ରଥଙ୍କ ବିରୋଧରେ ଏଭଳି ଅଭିଯୋଗ କରିଛନ୍ତି ଆଦିବାସୀ ଗ୍ରାମବାସୀ। ଏ ନେଇ ବୁଧବାର ରାୟଗଡ଼ା ବ୍ଲକର ୧୫ ଗ୍ରାମର ଗ୍ରାମବାସୀ ଅବକାରୀ କାର୍ଯ୍ୟାଳୟ ଘେରାଉ କରିବା ସହ ସମ୍ପୃକ୍ତ ଏସ୍ଆଇଙ୍କ ବଦଳି ଓ ମଦ ଭାଟି ବନ୍ଦ ପାଇଁ ଦାବି କରିଛନ୍ତି। ଗ୍ରାମବାସୀଙ୍କ କହିବା ହେଲା, ଆଦିବାସୀ ଦଳିତ ଲୋକେ ନିଜ ଘରେ ଦେଶୀମଦ ରୋଷଇ କାରି ବିଭିନ୍ନ ପର୍ବପର୍ବାଣୀରେ ପିଅନ୍ତି। ଏହା ସେମାନଙ୍କ ପୁରାତନ ପରମ୍ପରା। ଘରେ ସେମାନେ ମାତ୍ର ୫ ଲିଟର ମଦ ରାନ୍ଧିଥାନ୍ତି। କିନ୍ତୁ ରାୟଗଡ଼ା ଅବକାରୀ ବିଭାଗ ଏସ୍ଆଇ ସୂର୍ଯ୍ୟ ନାରାୟଣ ରଥ ଏହାକୁ ୩୦ ରୁ ୧୦୦ ଲିଟର ମଦ ରାନ୍ଧୁଥିବା ଦର୍ଶାଇ ମିଥ୍ୟା ମାମଲା ରୁଜୁକରି ନୀରିହ ଲୋକଙ୍କୁ ଥାନାକୁ ନେଇ ହଇରାଣ କରୁଥିବା କହିଛନ୍ତି। ଠେଙ୍ଗାଧରି ଘରେ ପଶିଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିହାରୀ ଦେଶୀମଦ ଭାଟି ଚେକାଗୁଡ଼ା ଗ୍ରାମରେ ରହିଛି। ସେଠାକାର ଲୋକଙ୍କ ଯୋଗୁ ନିରୀହ ଆଦିବାସୀଙ୍କୁ ମଧ୍ୟ ମିଥ୍ୟା ମାମଲାରେ ଫସାଉଛନ୍ତି। ସେହିପରି ବିହାରି ମଦଭାଟିରୁ ପ୍ରତ୍ୟେକ ଗାଁକୁ ମଦ ଯୋଗାଣ ହେଉଛି। ଏହାକୁ ବନ୍ଦ କରିବା ପାଇଁ ପୋଡ଼ାପାଡ଼ି, ଜପାଖାଲ, ମଡ଼ାଗୁଡ଼ା, ମାଲିଗାଁ ସମେତ ନିକଟବର୍ତ୍ତୀ ଗ୍ରାମର କିଶୋର ଖୋସ୍‌ଲା, ଡରା କାଣ୍ଡଗରି, ଜଗଲୁ ମିସାଲ ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦାବି ପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସେମାନେ ଚେତାବନି ଦେଇଛନ୍ତି।

# ରବି ଫସଲ ପାଇଁ ଭାସ୍କେଲ ଡ୍ୟାମ୍‌ରୁ ଛଡ଼ାଯିବନି ପାଣି

**ପାଣି ପଞ୍ଚାୟତ ବୈଠକରେ ନିଷ୍ପତ୍ତି**

**ଉମରକୋଟ, ୧୭।୧୧(ସ୍ୱ.ପ୍ର.)**

ଭାସ୍କେଲ ଜଳ ସେଚନ ବିଭାଗ ଓ ଉମରକୋଟର ସମସ୍ତ ପାଣି ପଞ୍ଚାୟତର ଚାଷୀଙ୍କୁ ନେଇ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରବି ଫସଲକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ଭସ୍କେଲ ଡ୍ୟାମ୍‌ରେ ଗଚ୍ଛିତ ବର୍ଷା ଜଳକୁ ଗୋଟିଏ ବର୍ଷ ଡାହାଣ ଓ ଅନ୍ୟ ବର୍ଷ ବାମ କେନାଲ ଦ୍ୱାରା ଚାଷୀଙ୍କୁ ପାଣି ଯୋଗାଯୋଗା ଯାଏ। ଚଳିତ ରବି ଫସଲ ପାଇଁ ଡାହାଣ କେନାଲରେ ପାଣି ଛଡା ଯିବାର ଥିଲା। ପ୍ରତି ବର୍ଷ ୧୦୦୦ରୁ ୧୨୦୦ ହେକ୍ଟର ଜମିରେ ଜଳ ସେଚନ ହେଉଥିଲା। ଚଳିତ ବର୍ଷ ଗଚ୍ଛିତ ହୋଇ ରହିଥିବା ଜଳ ୧୨୦୦ ହେକ୍ଟର ଜମିକୁ ପର୍ଯ୍ୟାପ୍ତ ହେବ ନାହିଁ ବୋଲି ଭାସ୍କେଲ ଜଳ ସେଚନ ବିଭାଗ ସହକାରୀ ଯନ୍ତ୍ରୀ ନିରଞ୍ଜନ ସାହୁ ସୂଚନା ଦେଇଥିଲେ। ଚଳିତ ବର୍ଷ ୩୯% ପାଣି ଗଚ୍ଛିତ ଅଛି। ତେଣୁ ଯଦି ପାଣି ଛଡା ଯିବ ତା ହେଲେ ବଡ ଭରାଣ୍ଡି ଯାଏ ହିଁ ଜଳ ସେଚନ ହୋଇପାରିବ ଓ ତଳ ମୁଣ୍ଡ ପର୍ଯ୍ୟନ୍ତ ପାଣି ପହଞ୍ଚିବ ନାହି ବୋଲି ଯନ୍ତ୍ରୀ ସାହୁ କହିଛନ୍ତି। ପାଣି ପଞ୍ଚାୟତର ପୂର୍ବତନ ସଭାପତି ଓ ସମ୍ପାଦକ ଚଳିତ ବର୍ଷ କୌଣସି କେନାଲରେ ପାଣି ଛାଡନ୍ତୁ ନାହିଁ ବୋଲି ପ୍ରସ୍ତାବ ଦେଇଥିଲେ। ପାଣି ଅଧା ଚାଷୀ ପାଇଲେ ବିଭିନ୍ନ ପ୍ରକାର ଅଶାନ୍ତି ସୃଷ୍ଟି ହୋଇପାରେ ବୋଲି ସେମାେ କହିଥିଲେ। ଏହା ସମର୍ଥନରେ ପାଣି ଛଡାଯିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ।

କେନାଲ ବିଭିନ୍ନ ଜାଗାରେ ନଷ୍ଟ ହୋଇଯାଇଛି ତେଣୁ ଏ ବର୍ଷ କେନାଲ ମରାମତି କରାଯାଉ ବୋଲି ପ୍ରସ୍ତାବ ଦିଆ ଯାଇଛି। ବୈଠକରେ ଉପସ୍ଥିତ ଭାସ୍କେଲ କର୍ତ୍ତୃପକ୍ଷ ଉକ୍ତ ନିଷ୍ପତି ରେ ରାଜି ହୋଇଥିଲେ। ଏହି ବୈଠକ ରେ ଉମରକୋଟ ତହସିଲଦାର ଏନ୍. ଜଗଜୀବନ ଚୌଧୁରୀ, ଭାସ୍କେଲ ଡ୍ୟାମ କନିଷ୍ଠ ଯନ୍ତ୍ରୀ ପୂର୍ବତନ ପାଣି ପଞ୍ଚାୟତ ସଭାପତି ବିଦ୍ୟାଧର ଜେନା, ସମ୍ପାଦକ କିଶୋର ସାହୁ, ଝାଡେଶ୍ୱର ମହାନ୍ତି, ବିନୋଦ ମହାନ୍ତି, କୈଳାସ ନାୟକ, ଶରତ କୁମାର ବେହେରା, ଭୁବନେଶ୍ୱର ମାଝି, ଭଗି ସେଠୀ, ସୀତାରାମ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

## କନିଷ୍ଠଯନ୍ତ୍ରୀଙ୍କ ବଦଳି ଦାବି ଜୋର ଧରିଲା



**ବୈପାରିଗୁଡା,୧୭।୧୧ (ଡି.ଏନ୍.ଏ.)**

ବୈପାରିଗୁଡା ବ୍ଲକ କନିଷ୍ଠ ଯନ୍ତ୍ରୀ ସୁନିଲ ମହାପାତ୍ରଙ୍କୁ ବଦଳି ଦାବିରେ ଟିପାକୁର ଓ ଦଣ୍ଡାବାଡି ପଞ୍ଚାୟତର ଶତାଧିକ ଲୋକେ ବ୍ଲକ ଅଫିସ୍ ସମ୍ମୁଖରେ ବୁଧବାର ଧାରଣାରେ ବସିଛନ୍ତି। ସେମାନେ ଯନ୍ତ୍ରୀଙ୍କ ବିରୋଧରେ ବହୁ ଅଭିଯୋଗ ଆଣିଛନ୍ତି। ଲୋକଙ୍କ ସହ ବିଡିଓ ଆଲୋଚନା ଜାରି ରଖିଛନ୍ତି। ଆସନ୍ତା ୧୦ ସୁଦ୍ଧା ସେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ ଲୋକେ ଧାରଣାରୁ ହଟି ନାହାନ୍ତି। ଧାରଣାରେ ସ୍ଥାନୀୟ ଅଞ୍ଚଳର ଲୋକ ପ୍ରତିନିଧିମାନେ ମଧ ସାମିଲ ହୋଇଛନ୍ତି।

## ଭାଲୁକୁ ଜଗି ବସିଛି ବନ ବିଭାଗ

**ପାପଡ଼ାହାଣ୍ଡି,୧୭।୧୧ (ଡି.ଏନ୍.ଏ.)**

ପାପଡ଼ାହାଣ୍ଡି ସହରର ଜନଗହଳି ଅଞ୍ଚଳରେ ମଙ୍ଗଳବାର ପଶିଯାଇଥିବା ଭାଲୁକୁ ଧରିବାକୁ ବନ ବିଭାଗର ଏକ ଟିମ୍ ଜଗି ବସିଛି। ଭାଲୁର ଗତିବିଧି ଉପରେ ଟିମ୍ ନଜର ରଖିଛି ବୋଲି ସୂଚନା ମିଳିଛି। ସୂଚନାନୁଯାୟୀ, ମଙ୍ଗଳବାର ପାପଡ଼ାହାଣ୍ଡି ସହରକୁ ଭାଲୁଟି ପଶି ଆସିଥିଲା।

## ଉନ୍ନୟନ କାର୍ଯ୍ୟ ତଦାରଖ କଲେ ବିଡିଓ

**ତେନ୍ତୁଲିଖୁଣ୍ଟି, ୧୭।୧୧(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ବିଡିଓ ଦୁର୍ଯ୍ୟୋଧନ ଭୋଇ ପୂଜାରୀଗୁଡା ପଞ୍ଚାୟତ ସଦର ଓ ଦାନୀଗୁଡା ଗ୍ରାମ ପରିଦର୍ଶନ କରିଛନ୍ତି। ସେ ପ୍ରଥମେ ଦାନୀଗୁଡା ଗ୍ରାମରୁ ଠାକୁରାଣୀ ମନ୍ଦିର ପର୍ଯ୍ୟନ୍ତ ହୋଇଥିବା ରାସ୍ତାର ମାନ ଯାଞ୍ଚ କରିଥିଲେ। ଏଥିସହ ଉକ୍ତ ଗ୍ରାମର ପାହାଡ଼ ନିକଟ ରେ ହୋଇଥିବା ଏକ ଟ୍ରେଞ୍ଚ କାର୍ଯ୍ୟ ମଧ୍ୟ ତଦାରଖ କରିଥିଲେ। ଗ୍ରାମରେ ଥିବା ମିଶନ ସଭା ଗୃହକୁ ମଧ୍ୟ ବୁଲି ଦେଖିଥିଲେ। ପରବର୍ତ୍ତୀ ସମୟରେ ପୂଜାରୀଗୁଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ସେଠାକାର ଭିତ୍ତିଭୂମି ଯାଞ୍ଚ କରିଥିଲେ। ଏହି ସମୟରେ ବିଡ଼ିଓଙ୍କ ସହ ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ସହକାରୀ ଯନ୍ତ୍ରୀ ଶାନ୍ତିଲତା ହେମ୍ବ୍ରମ, କନିଷ୍ଠ ଯନ୍ତ୍ରୀ ଅରବିନ୍ଦ ବେହେରା, ପୂଜାରୀଗୁଡା ସରପଞ୍ଚ କୁମର ପୂଜାରୀ ଏବଂ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଭୁତି ପତି ପ୍ରମୁଖ ଉପସ୍ଥିତ ଥିଲେ।

# ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ସଚେତନ କରିବ ରଥ

**ରାୟଗଡ଼ା ଅଫିସ,୧୭।୧୧**

ନଭେମ୍ବରକୁ ପୋଷ୍ୟ ସନ୍ତାନ ଗ୍ରହଣ ମାସ ରୂପେ ପାଳନ କରାଯାଉଛି। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ଜିଲାବାସୀଙ୍କୁ ସଚେତନ କରିବା ଲକ୍ଷ୍ୟରେ ରାୟଗଡ଼ା ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଏକ ସଚେତନତା ରଥ ବୁଧବାର ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ଏହାର ଶୁଭାରମ୍ଭ କରିଛନ୍ତି। ଜିଲାର ୧୧ ବ୍ଲକ ଅଞ୍ଚଳରେ ବିଶେଷକରି ହାଟଗୁଡ଼ିକରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଆଇନଗତ ପୋଷ୍ୟ ସନ୍ତାନ ଗ୍ରହଣ, ଏହାର ନିୟମ ଓ ଆଇନଗତ ବିଭିନ୍ନ ଦିଗ ଉପରେ ସଚେତନ କରାଯିବ। ସୂଚନାଯୋଗ୍ୟ, ଜିଲାରେ ସେପ୍ଟେମ୍ବରରେ ଏକ ସ୍ୱତନ୍ତ୍ର ପୋଷ୍ୟତା ସଂସ୍ଥା (ସା) କାର୍ଯ୍ୟକାରୀ କରାଯାଇଛି। ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ଇଚ୍ଛୁକ ଥିବା ପରିବାର ତଥା ବ୍ୟକ୍ତିବିଶେଷ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରି ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କରେ ପରାମର୍ଶ ଓ ସହଯୋଗ ପାଇପାରିବେ। ସଚେତନତା ରଥ ଶୁଭାରମ୍ଭ ବେଳେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ଯାଜ୍ଞସେନୀ ବେହେରାଙ୍କ ସମେତ ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲା ସମାଜ ମଙ୍ଗଳ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ବୋଲେରୋ ଧକ୍କାରେ ନାବାଳକ ମୃତ

**ଗୁଣପୁର,୧୭।୧୧(ଡି.ଏନ୍.ଏ.)**

ଗୁଣପୁର ବ୍ଲକ ପୁଟାସିଂ ପଞ୍ଚାୟତ ବରେଇ ଗ୍ରାମଠାରେ ବୁଧବାର ଏକ ବୋଲେରୋ ଧକ୍କାରେ ଜଣେ ନାବାଳକର ମୃତ୍ୟୁ ଘଟିଛି। ସେ ହେଲେ ମକ୍କଲ ରାଇକା(୫)। ଗାଧୋଇବାକୁ ଯାଉଥିବାବେଳେ ପୁଟାସିଂ ଅଞ୍ଚଳରୁ ଅସୁଥିବା ବୋଲେରୋ ତାକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଗାଁରେ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା। ପୁଟାସିଂ ଥାନାଧିକାରୀ ଦିନବନ୍ଧୁ ଶବର ପହଞ୍ଚି ବୋଲେରୋକୁ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା ଚାଳକ ଗିରିଜନ ରାଇକାଙ୍କୁ ଥାନାକୁ ନେଇ ତଦନ୍ତ ଚଳାଇଛନ୍ତି।

# ନକଲି ଗୁଟ୍‌ଖା କାରଖାନା ଠାବ, ମାଲିକ ଗିରଫ

**କୋରାପୁଟ/ସୁନାବେଡ଼ା, ୧୭।୧୧(ସ୍ୱ.ପ୍ର.)**


ଜବତ ନକଲି ଗୁଟ୍‌ଖା।

ସେମିଳିଗୁଡ଼ା ଥାନା ଅନ୍ତର୍ଗତ ୱାଇଡା ଅଫିସ ନିକଟରେ ଏକ ଭଡ଼ାଘରେ ଚାଲିଥିବା ନକଲି ଗୁଟ୍‌ଖା କାରଖାନା ଠାବକରି ୩ ଥାନାର କର୍ମଚାରୀ ଚଢ଼ାଉ କରିଥିଲେ। ଏହି କାରବାରରେ ସାମିଲ ଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେ ହେଲେ ବି.ରମେଶ (୪୯)। ତାଙ୍କ ଘର ତେଲଙ୍ଗାନା ରାଜ୍ୟର କାମରପଲି ଅଞ୍ଚଳରେ କୋରାପୁଟ ଏସ୍ପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଚଢ଼ାଉ ସୁନାବେଡ଼ା ଏସ୍‌ଡିପିଓ ମନୋଜ ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ପୋଲିସ ଉକ୍ତ ଘରୁ ବିପୁଳ ପରିମାଣର ନକଲି ଗୁଟ୍‌ଖା ଏବଂ ଗୁଟ୍‌ଖା ନିମନ୍ତେ ବ୍ୟବହୃତ ହେଉଥିବା ବିଭିନ୍ନ ସାମଗ୍ରୀ ଜବତ କରିଛି। ଖବରରୁ ଜଣାପଡ଼ିଛି ସେମିଳିଗୁଡ଼ା ବ୍ଲକ ରାଜାନାଗୁଡ଼ା ଗ୍ରାମରେ ଥିବା ଏହି କାରଖାନାର ମାଲିକ ଥିଲେ ରମେଶ। ସେ ଅନ୍ୟ ଏକ ସ୍ଥାନରେ ଏକ ଗୋଦାମ କରିଥିଲେ। ସେଠାରୁ ମଧ ପୋଲିସ ବିପୁଳ ପରିମାଣରେ ଗଚ୍ଛିତ ଥିବା ନକଲି ଗୁଟ୍‌ଖା ଏବଂ ବିଭିନ୍ନ ବ୍ୟବହୃତ ସରଞ୍ଜାମ ଜବତ କରାଯାଇଥିବା ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ବେହେରା କହିଛନ୍ତି। ସେ ଏନେଇ ସୂଚନା ଦେଇ କହିଛନ୍ତି, ରମେଶ ୨/୩ ମାସ ହେଲା ସମ୍ପୃକ୍ତ ଭଡ଼ାଘରେ 'ବିମଲ' ନାମରେ ବେଆଇନ ଭାବେ ନକଲି ଗୁଟ୍‌ଖା ପ୍ରସ୍ତୁତ କରି ରଖିଥିଲେ। ଏହାକୁ ସେ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଏବଂ ରାଜ୍ୟ ବାହାରକୁ ଚାଲାଣ କରିବାକୁ ଯୋଜନା କରିଥିଲେ। କେସ୍ ନଂ. ୧୦୮/୨୧। ଚଢାଉରେ ଦାମନଯୋଡି ଥାନା ଅଧିକାରୀ ସସ୍ମିତ ବେହେରା ଏବଂ ସେମିଳିଗୁଡା ଥାନା ଦାୟିତ୍ୱରେ ଥିବା ସୁନାବେଡା ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର ସାମିଲ ହୋଇଥିଲେ।

# ବିଦ୍ୟୁତ୍ ଆଘାତରେ ମାଆ ମୃତ, ଝିଅ ଗୁରୁତର

**ପଟ୍ଟାଙ୍ଗୀ,୧୭।୧୧(ଡି.ଏନ.ଏ.)**

କୋରାପୁଟ ଜଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ସୁଙ୍କି ଫାଣ୍ଡି ଅଧୀନ ରେଙ୍ଗାଲପାଡୁ ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଚିନାରାଓ ଗେମେଲଙ୍କ ସ୍ତ୍ରୀ ବତୀ ଗେମେଲ। ଏଥିରେ ବତୀଙ୍କ ଝିଅ ଗୁରୁତର ହୋଇଛନ୍ତି। ଖବରରୁ ଜଣାପଡିଛି ବତୀ ଗ୍ରାମ ନିକଟରେ ଥିବା ନଦୀରେ ଗାଧୋଇ ଆସି ସଫାକରି ଆଣିଥିବା ଲୁଗାପଟା ଶୁଖାଉଥିଲେ। ଏହି ସମୟରେ ଘର ସମ୍ମୁଖରେ ଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ସେ ଆସିଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପାଖରେ ଥିବା ନାବାଳିକା ଝିଅ ଦୁର୍ଗା ବିଦ୍ୟୁତ୍ ଆଘାତରେ ଦୂରକୁ ଛିଟିକି ପଡି ଆହତ ହୋଇଥିଲେ। ଘଟଣା ସ୍ଥଳରେ ଗ୍ରାମବାସୀ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ସେ କିଛି ସମୟ ଚିକିତ୍ସା ପରେ ସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଘରକୁ ଛାଡି ଦିଆଯାଇଛି। ଅନ୍ୟପକ୍ଷରେ ଏନେଇ ବତୀଙ୍କ ସ୍ୱାମୀ ଚିନାରାଓ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ ମଧ ଘଟଣା ସ୍ଥଳକୁ କେହି କର୍ମଚାରୀ ଆସି ନ ଥିଲେ। ଫଳରେ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ବିଭାଗୀୟ କନିଷ୍ଠଯନ୍ତ୍ରୀ ଅମୀୟ କୁମାର ଭଞ୍ଜଙ୍କୁ ପଚାରିବାରୁ ସେ କହିଲେ ଯେ, ଘଟଣା ସମ୍ପର୍କରେ ସେ ଅବଗତ ଅଛନ୍ତି। ତେବେ ଏ ଦିଗରେ ବିଭାଗ ପକ୍ଷରୁ କିଛି ସହଯୋଗ କରିହେବ ନାହିଁ ବୋଲି ପ୍ରକାଶ କରିଥିଲେ।

# ଦେଶରେ ମାଲକାନଗିରି ନୂଆ ପରିଚୟ ପାଇଛି: ଜିଲାପାଳ

**ମାଲକାନଗିରି,୧୭।୧୧(ଡି.ଏନ.ଏ.)**

ଜିଲା ପ୍ରଶାସନ ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଜିଲାପାଳ ବିଶାଲସିଂଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ଏଥିରେ ପିଡି ଡିଆରଡିଏ ବାଳ ମୁକୁନ୍ଦ ଭୂୟାଁ, ଉପଜିଲାପାଳ ଅକ୍ଷୟ ଖେମୁଡୁ ଯୋଗ ଦେଇଥିଲେ। ଏହି ଅବସରରେ ଗତ ଦୁଇବର୍ଷ ମଧ୍ୟରେ କରୋନାରେ ମୃତ୍ୟୁ ବରଣ କରିଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ଜିଲାପାଳ ସିଂ ଜିଲାର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରଶଂସା କରି ସେମାନଙ୍କ ଯୋଗୁ ମାଲକାନଗିରି ପୂର୍ବ ସ୍ଥିତି ବଦଳି ଯାଇ ଏବେ ସାରାଦେଶରେ ମାଲକାନଗିରି ଜିଲା ଏକ ନୂଆ ପରିଚୟ ପାଇଛି । ମାଲକାନଗିରି ଜିଲା କ୍ରମଶଃ ମାଓବାଦୀମୁକ୍ତ ହୋଇ ଆସୁଛି। ଜନସାଧାରଣଙ୍କ ଜୀବନ ଶୈଳୀ ବଦଳିଛି। ତେବେ ଜିଲା ସୀମାନ୍ତରେ ଥିବା ଅନ୍ୟ ରାଜ୍ୟର ମାଓବାଦୀ ଘଟଣାକୁ ଗଣମାଧ୍ୟମ ପ୍ରତିନିଧିମାନେ ଏହା ଜିଲା ସୀମାନ୍ତରେ ଘଟିଥିବା ଭଳି ପରିବେଷଣ କରୁଥିବାରୁ ଜିଲା ପାଇଁ ଭୟର ବାତାବରଣ ସୃଷ୍ଟି କରୁଛି ।ଏହା ଲୋକଙ୍କୁ ଚିନ୍ତାରେ ପକାଉଛି ବୋଲି ଜିଲାପାଳ ପ୍ରକାଶ କରିଥିଲେ। ପିଡି ଭୂୟାଁ , ଉପଜିଲାପାଳ ଖେମୁଡୁ ଜାତୀୟ ପ୍ରେସ ଦିବସର ଆଭିମୁଖ୍ୟ, ଚତୁର୍ଥ ସ୍ତମ୍ଭର ଭୂମିକାକୁ ପ୍ରଶଂସା କରି ପ୍ରଶାସନ ଏବଂ ଗଣମାଧ୍ୟମ ମଧ୍ୟରେ ସମନ୍ୱୟ ରହିଲେ ଆଗାମୀ ଦିନରେ ମାଲକାନଗିରି ଜିଲାର ଆହୁରି ଉନ୍ନତି ହେବ ବୋଲି ପ୍ରକାଶ କରିଥିଲେ । ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଅନେକ ଗଣମାଧ୍ୟମ ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



